# NATIONAL NEWS BULLETIN (ODIA)

## 19th June - 2026

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାରେ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

— କହିଲେ ବିଶ୍ୱସ୍ତରୀୟ ଅଭିବୃଦ୍ଧି ଓ ସ୍ୱାବଲମ୍ବୀ ହେବା ଦିଗରେ ଅଗ୍ରସର ହେଉଛନ୍ତି ଦେଶର ଯୁବପିଢ଼ି ।

- ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ରାଷ୍ଟ୍ରପତି ।

— ଝାରସୁଗୁଡ଼ା ଜିଲ୍ଲାରେ ଆସନ୍ତାକାଲି ୨୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କୋଇଲା ଗ୍ୟାସୀକରଣ ପ୍ରକଳ୍ପର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।

- ପୋଶ୍ ଆଇନର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ନେଇ ସମସ୍ତ ରାଜ୍ୟକୁ ଜାତୀୟ ମହିଳା କମିଶନ୍‌ଙ୍କ ପକ୍ଷରୁ ପରାମର୍ଶବଳୀ ଜାରି ।

ଏବଂ

- ମାକାଉ ଓପନ୍ ବ୍ୟାଡ୍‌ମିଣ୍ଟନର ମହିଳା ସିଙ୍ଗଲ୍‌ସର ସେମିଫାଇନାଲ୍‌ରେ ପ୍ରବେଶ କଲେ ଭାରତର ଅଶ୍ମିତା ଚାଲିହା ।

## ପି.ଏମ୍. - ଭି.ବି.ଆର୍.ୱାଇ.

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା' - ପି.ଏମ୍.-ଭି.ବି.ଆର୍.ୱାଇ. ଅଧୀନରେ ୨ ହଜାର ୪୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି । ଏହି ପ୍ରୋତ୍ସାହନ ପ୍ରଦାନ ପି.ଏମ୍.-ଭି.ବି.ଆର୍.ୱାଇ.ର କାର୍ଯ୍ୟାନ୍ୱୟନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ, ଯାହାକି ସମସ୍ତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା, ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ଏବଂ ସାମାଜିକ ସୁରକ୍ଷା ପରିସରକୁ ସମ୍ପ୍ରସାରିତ କରିବା ଲକ୍ଷ୍ୟରେ ସରକାରଙ୍କ ଏକ ପ୍ରମୁଖ ନିଯୁକ୍ତିଭିତ୍ତିକ ପ୍ରୋତ୍ସାହନ ଯୋଜନା । ଏହି ପ୍ରୋତ୍ସାହନ ଦେଶବ୍ୟାପୀ ୧୫ ଲକ୍ଷ ରୋଜଗାର ସୁଯୋଗ ସୃଷ୍ଟି କରିବାରେ ସହାୟକ ହୋଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏକବିଂଶ ଶତାବ୍ଦୀରେ ସେହି ଦେଶଗୁଡ଼ିକପାଇଁ ସୁଯୋଗ ରହିବ, ଯେଉଁମାନେ ଦକ୍ଷ ପ୍ରତିଭାକୁ ପ୍ରୋତ୍ସାହିତ କରିବେ, ନବସୃଜନକୁ ଆପଣାଇବେ ଏବଂ ଗୁଣବତ୍ତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବେ । ଆସନ୍ତା ବର୍ଷଗୁଡ଼ିକରେ ଭାରତର

ଯୁବପିଢ଼ି' ବିଶ୍ୱସ୍ତରୀୟ ଅଭିବୃଦ୍ଧି, ନୂତନତା ଏବଂ ସ୍ୱାବଲମ୍ବିତାକୁ ଆଗକୁ ବଢ଼ାଇବାରେ ସର୍ବପ୍ରଥମେ ରହିବ ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM)*** :.........

ଶ୍ରୀ ମୋଦି କହିଛନ୍ତି, ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ପ୍ରଥମ ଥରପାଇଁ ଚାକିରି କରୁଥିବା କର୍ମଚାରୀମାନଙ୍କୁ ସଶକ୍ତ କରିବା ଏବଂ ଯୁବପିଢ଼ି ଓ ଶିଳ୍ପକ୍ଷେତ୍ର ମଧ୍ୟରେ ଏକ ସେତୁ ସଦୃଶ କାର୍ଯ୍ୟ କରିବାପାଇଁ ଉଦ୍ଦିଷ୍ଟ । ସେ କହିଛନ୍ତି, ଭାରତର ଯୁବପିଢ଼ିଙ୍କ ଆଶା ଆକାଂକ୍ଷା, ଦକ୍ଷତା ଏବଂ ସାମର୍ଥ୍ୟ ହିଁ ଏକ ବିକଶିତ ଭାରତର ପଥ ନିରୂପଣ କରେ । ଏହି ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୭୦ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଛି । ପ୍ରାୟ ୨୦ ଲକ୍ଷ ଯୁବକ ଯୁବତୀ ସେମାନଙ୍କର ନୂତନ ଚାକିରିରେ ୬ ମାସ ପୂରଣ କରିସାରିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୧୦ ଲକ୍ଷ ଯୁବକ ଯୁବତୀ ଏହି ଯୋଜନାର ହିତାଧିକାରୀ ଭାବେ ପ୍ରୋତ୍ସାହନ ରାଶି ପାଇଛନ୍ତି । ପ୍ରାୟ ୨ ହଜାର କୋଟି ଟଙ୍କା ସେମାନଙ୍କ ଜମାଖାତାକୁ ସିଧାସଳଖ ପଠାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପ୍ରେଜ୍ - ଓଡ଼ିଶା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ପହଞ୍ଚିଛନ୍ତି । ରାଷ୍ଟ୍ରପତି

ରାଇରଙ୍ଗପୁରଠାରେ ଏମ୍ସ୍ ପକ୍ଷରୁ ଆୟୋଜିତ ଚିକିତ୍ସା ଶିବିରକୁ ଉଦ୍‌ଘାଟନ କରିଛନ୍ତି । ଏହାସହ ରାଷ୍ଟ୍ରପତି ସେଠାରେ ଥିବା  ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ । ଏହାବ୍ୟତୀତ ହାଟବଦ୍ରାଠାରେ ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ମାତୃଶକ୍ତି ଭବନ, ଏକ ସ୍ୱତନ୍ତ୍ର ସର୍କିଟ ହାଉସ୍‌ର ମଧ୍ୟ ଲୋକାର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ପହଞ୍ଚିବା ପରେ ପାହାଡ଼ପୁରଠାରେ ରାଷ୍ଟ୍ରପତିଙ୍କ ସହ ଏକ ସାଧାରଣ ସଭାରେ ଯୋଗଦେଇ ରାଜ୍ୟର ବିକାଶ ପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

## ପି.ଏମ୍. - କୋଲ୍ ପ୍ରୋଜେକ୍ଟ ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଲଖନପୁରଠାରେ ୨୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏକ କୋଇଲା ଗ୍ୟାସୀକରଣ ପ୍ରକଳ୍ପର ଶିଳାନ୍ୟାସ କରିବେ । ଭାରତର ପ୍ରଥମ ବାଣିଜ୍ୟିକ ସ୍ତରର କୋଇଲାରୁ ଆମୋନିୟମ୍ ନାଇଟ୍ରେଟ୍ ପ୍ରସ୍ତୁତ କରିବା କ୍ଷେତ୍ରରେ ଏହି ପ୍ରକଳ୍ପ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି କୋଇଲା ମନ୍ତ୍ରଣାଳୟ ସୂଚନା ଦେଇଛି । ଭାରତ ହେଭି ଇଲେକ୍ଟ୍ରିକାଲ ଲିମିଟେଡ୍ -

ଭେଲ୍ ଏବଂ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ମିଳିତ ଉଦ୍ୟମରେ 'ଭାରତ କୋଲ୍ ଗ୍ୟାସିଫିକେସନ ଆଣ୍ଡ୍ କେମିକାଲ୍ ଲିମିଟେଡ୍' - ବି.ସି.ଜି.ସି.ଏଲ୍. ପ୍ରକଳ୍ପ ବିକଶିତ କରାଯାଉଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଭେଲ୍ ଦ୍ୱାରା ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ କୋଇଲା ଗ୍ୟାସୀକରଣ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଦୈନିକ ୨ ହଜାର ଟନ୍ ଆମୋନିୟମ୍ ନାଇଟ୍ରେଟ୍ ଉତ୍ପାଦନ କରାଯିବ । ମନ୍ତ୍ରଣାଳୟ କହିଛି, ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା, ଆମଦାନୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା, ଘରୋଇ କୋଇଲା ସମ୍ପଦର ମୂଲ୍ୟବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ଆନୁଷଙ୍ଗିକ ଶିଳ୍ପଗୁଡ଼ିକର ବିକାଶକୁ ସହଯୋଗ କରିବାପାଇଁ ଭାରତର ରଣନୀତିରେ କୋଇଲା ଗ୍ୟାସୀକରଣ ଏକ ପ୍ରମୁଖ ସ୍ତମ୍ଭ ଭାବେ ଉଭା ହେଉଛି ।

## ଏନ୍.ସି.ଡବ୍ଲ୍ୟୁ - ପୋଶ୍ ଆକ୍ଟ

କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା (ପ୍ରତିରୋଧ, ନିଷେଧ ଏବଂ ପ୍ରତିକାର) ଆଇନ-୨୦୧୩ ପୋଶ୍ ଆଇନ ଅଧୀନରେ ବ୍ୟାପକ ପଦକ୍ଷେପଗୁଡ଼ିକର ତୁରନ୍ତ ଏବଂ ପ୍ରଭାବଶୀଳ କାର୍ଯ୍ୟାନ୍ୱୟନପାଇଁ ଜାତୀୟ ମହିଳା କମିଶନ୍ - ଏନ୍.ସି.ଡବ୍ଲ୍ୟୁ. ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଏକ ପରାମର୍ଶବଳୀ ଜାରି କରିଛନ୍ତି । କମିଶନ କହିଛନ୍ତି, ଏହି

ପରାମର୍ଶବଳୀରେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନଦ୍ୱାରା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ୧୮ଟି ପଦକ୍ଷେପ ସୁପାରିସ କରାଯାଇଛି । ଏ ସଂକ୍ରାନ୍ତରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକମାନଙ୍କୁ ମଧ୍ୟ ଅବଗତ କରାଯାଇଛି । ତୃଣମୂଳ ସ୍ତରରେ ଏହାର ପ୍ରଦର୍ଶନ ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାପାଇଁ କମିଶନ ଏହି ପରାମର୍ଶବଳୀକୁ ଦେଶର ସମସ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ବରିଷ୍ଠ ଆରକ୍ଷୀ ଅଧୀକ୍ଷକ ଏବଂ ପୁଲିସ କମିଶନର୍‌ମାନଙ୍କୁ ମଧ୍ୟ ପ୍ରେରଣ କରିଛନ୍ତି । ସରକାରୀ, ବେସରକାରୀ, ସଙ୍ଗଠିତ କିମ୍ବା ଅସଙ୍ଗଠିତ ଯେକୌଣସି କ୍ଷେତ୍ର ହେଉନା କାହିଁକି, ପ୍ରତ୍ୟେକ କର୍ମକ୍ଷେତ୍ର ଯେପରି ପୋଶ୍ ଆଇନର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରେ ଏବଂ ମହିଳାମାନଙ୍କପାଇଁ ଏକ ସୁରକ୍ଷିତ, ସମାବେଶୀ ଓ ଲିଙ୍ଗ ସମ୍ବେଦନଶୀଳ କାର୍ଯ୍ୟ ପରିବେଶ ସୃଷ୍ଟି କରେ, ତାହା ସୁନିଶ୍ଚିତ କରିବା ଏହି ପରାମର୍ଶବଳୀର ଲକ୍ଷ୍ୟ ରହିଛି ।

ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଜାତୀୟ ମହିଳା କମିଶନ୍‌ର ଅଧ୍ୟକ୍ଷା ବିଜୟା ରାହତ୍‌କର କହିଛନ୍ତି, ପ୍ରତ୍ୟେକ କର୍ମକ୍ଷେତ୍ର' ସୁରକ୍ଷା, ସମ୍ମାନ ଏବଂ ସମାନ ସୁଯୋଗର ସ୍ଥାନ ହେବା ଆବଶ୍ୟକ । ପୋଶ୍ ଆଇନର ପ୍ରଭାବଶୀଳ କାର୍ଯ୍ୟାନ୍ୱୟନ କେବଳ ଏକ ଆଇନଗତ ବାଧ୍ୟତା ନୁହେଁ; ବରଂ ମହିଳାମାନଙ୍କ ସଶକ୍ତୀକରଣ ଏବଂ ସେମାନଙ୍କୁ ଦେଶ ଗଠନରେ ସାମିଲ୍ କରିବା ଦିଗରେ ଏହା ସମସ୍ତଙ୍କର ଏକ ସାମୂହିକ ଦାୟିତ୍ୱ କମିଶନ୍‌ର ଅଧ୍ୟକ୍ଷା କହିଛନ୍ତି ।

# ଏସ୍.ସି. - ୱିମେନ୍ ଆଡ୍ଭୋକେଟ୍ସ୍

ମହିଳା ଆଇନଜୀବୀମାନେ ଯେପରି ସେମାନଙ୍କର ବୃତ୍ତିଗତ ଦାୟିତ୍ୱକୁ ପ୍ରଭାବଶାଳୀ, ସୁରକ୍ଷିତ ଏବଂ ସମାନ ସର୍ତ୍ତରେ ସମ୍ପାଦନ କରିବେ, ସେଥିପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ଆବଶ୍ୟକତା ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଦେଶର ଅଧିକାଂଶ ଅଦାଲତ, ଟ୍ରିବ୍ୟୁନାଲ୍ ଏବଂ କମିଶନ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଥିବା ମହିଳା ବାର୍ ରୁମ୍ ଏବଂ ଅନ୍ୟାନ ଜରୁରୀ ସୁବିଧାର ଅଭାବକୁ ଦର୍ଶାଉଥିବା ଏକ ଆବେଦନ ଉପରେ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱର ସହ ବିଚାର କରିଛନ୍ତି । ଏହି ଆବେଦନ ଉପରେ କୋର୍ଟ' କେନ୍ଦ୍ର ସରକାର, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଅନ୍ୟମାନଙ୍କୁ ନୋଟିସ୍ ଜାରିକରି ଜବାବ ମାଗିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ବିଚାରପତି ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଗତ କିଛି ଦଶନ୍ଧି ମଧ୍ୟରେ ଆଇନ ବୃତ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ କ୍ରମାଗତ ଭାବେ ବୃଦ୍ଧି ପାଇଛି । ତେବେ କେବଳ କାର୍ଯ୍ୟକ୍ଷେତ୍ରର ଦ୍ୱାର ଖୋଲିଦେବା, ଉତ୍ସବ ପାଳନ କରିବାର ଯଥେଷ୍ଟ କାରଣ ହୋଇପାରିବ ନାହିଁ । ଅଦାଲତ ପରିସର ମଧ୍ୟରେ ବୃତ୍ତିଧାରୀମାନଙ୍କପାଇଁ ପର୍ଯ୍ୟାପ୍ତ ସୁବିଧାସମ୍ପନ୍ନ ସ୍ଥାନ ଉପଲବ୍ଧ କରାଇବା ଏକ ଅପରିହାର୍ଯ୍ୟ ସର୍ତ୍ତ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି ।

# ନାଗପୁର - ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଭାରତର ଘରୋଇ ପ୍ରତିରକ୍ଷା ଉତ୍ପାଦନ ୨୦୧୪ ମସିହାରେ ୪୬ ହଜାର କୋଟି ଟଙ୍କା ଥିବାବେଳେ ଗତ ଆର୍ଥିକ ବର୍ଷରେ ଏହା ରେକର୍ଡ଼ ସ୍ତରକୁ ସ୍ପର୍ଶ କରିବା ସହ ୧ ଲକ୍ଷ ୭୮ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ଶ୍ରୀ ସିଂହ କହିଛନ୍ତି, ପ୍ରତିରକ୍ଷା ରପ୍ତାନୀ, ଯାହା ୨୦୧୪ ପୂର୍ବରୁ ୧ ହଜାର କୋଟି ଟଙ୍କା ରେକର୍ଡ଼ ହୋଇଥିଲା, ବର୍ତ୍ତମାନ ତାହା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା ସରଞ୍ଜାମର ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ଚାହିଦା ଯୋଗୁଁ ପ୍ରାୟ ୪୦ ହଜାର କୋଟି ଟଙ୍କାରେ ପହଞ୍ଚିଛି । ଆଜି ଅପରାହ୍ଣରେ ନାଗପୁରର ଅମ୍ବାଝରିସ୍ଥିତ 'ଯନ୍ତ୍ର ଇଣ୍ଡିଆ ଲିମିଟେଡ୍'ର ଅର୍ଡ଼ିନାନ୍ସ ଫ୍ୟାକ୍ଟ୍ରିରେ ଏକ ଅତ୍ୟାଧୁନିକ ୧୦ ହଜାର ଟନ୍ ବିଶିଷ୍ଟ Aluminium Extrusion Pressର ଶିଳାନ୍ୟାସ କରିବା ଅବସରରେ ଶ୍ରୀ ସିଂହ ଏହା କହିଛନ୍ତି । ପ୍ରସ୍ତାବିତ Aluminium Extrusion Press ମାଧ୍ୟମରେ ନିର୍ମିତ ହେବାକୁ ଥିବା ଯନ୍ତ୍ରାଂଶଗୁଡ଼ିକ କେବଳ ପ୍ରତିରକ୍ଷା ସରଞ୍ଜାମରେ ନୁହେଁ; ବରଂ ରେଳବାଇ, ଇସ୍ରୋ ଏବଂ ଡି.ଆର୍.ଡି.ଓ. ଭଳି ସଙ୍ଗଠନର ବିଭିନ୍ନ ଯନ୍ତ୍ରପାତିରେ ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ଶ୍ରୀ ସିଂହ କହିଛନ୍ତି । ୧୦ ହଜାର ମେଟ୍ରିକ୍ ଟନ୍ ଆଲୁମିନିୟମ୍ ପ୍ରକ୍ରିୟାକରଣ କ୍ଷମତା ବିଶିଷ୍ଟ ଏହି ପ୍ରସ୍ତାବିତ ପ୍ରକଳ୍ପ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି ଭାବେ ଉଭା ହେବ

ବୋଲି ଆଶା କରାଯାଉଛି । କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବୀଶ ଏବଂହ ପ୍ରତିରକ୍ଷା ଉତ୍ପାଦନ ବିଭାଗର ସଚିବ ସଞ୍ଜୀବ କୁମାର ଉପସ୍ଥିତ ଥିଲେ ।

## ଇ.ଏ.ଏମ୍. - ପାସ୍‌ପୋର୍ଟ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ପାସ୍‌ପୋର୍ଟ ପ୍ରଦାନ ପ୍ରକ୍ରିୟା ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ଗଣତାନ୍ତ୍ରିକ ହୋଇପାରିଛି, କାରଣ ଏହା ଦ୍ରୁତ, ସୁରକ୍ଷିତ ଏବଂ ବିକେନ୍ଦ୍ରୀକୃତ ହୋଇଛି । ନୂଆଦିଲ୍ଲୀରେ ଆୟୋଜିତ ବାର୍ଷିକ ଆଞ୍ଚଳିକ ପାସ୍‌ପୋର୍ଟ ଅଧିକାରୀ ସମ୍ମିଳନୀକୁ ସମ୍ବୋଧିତ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଦେଶର ଦୂରଦୂରାନ୍ତ ଅଞ୍ଚଳରେ ମଧ୍ୟ ପାସ୍‌ପୋର୍ଟ ସେବା ସହଜରେ ଉପଲବ୍ଧ ହେଉଛି । ସେ କହିଛନ୍ତି, ଜନସାଧାରଣଙ୍କ ଆଶା-ଆକାଂକ୍ଷା ଅନୁଯାୟୀ ଏହି ପରିବର୍ତ୍ତନ ଡିଜିଟାଲ୍ ଶାସନର ଏକ ବଳିଷ୍ଠ ପ୍ରମାଣ । ପାସ୍‌ପୋର୍ଟ ସେବା କାର୍ଯ୍ୟକ୍ରମର ୨.୦ ସଂସ୍କରଣ ପ୍ରକୃତରେ ଏକ ବିକଶିତ ଭାରତପାଇଁ ବିଶ୍ୱସ୍ତରୀୟ ଗତିଶୀଳତାକୁ ପୁନଃ ନିର୍ଦ୍ଧାରିତ କରିଛି । ପାସ୍‌ପୋର୍ଟ କେବଳ କିଛି ପୃଷ୍ଠାର ଏକ ପୁସ୍ତିକା ନୁହେଁ, ବରଂ ଏହା ଆର୍ଥିକ ଗତିଶୀଳତା, ଅନ୍ତର୍ଜାତୀୟ ବାଣିଜ୍ୟ ଏବଂ ଜାତୀୟ ପରିଚୟର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଆମ ଦେଶର ବୈଦେଶିକ ନୀତି’ ଭାରତକୁ ଅନ୍ତର୍ଜାତୀୟ ସ୍ତରରେ ଜଣେ

ବିଶ୍ୱବନ୍ଧୁ ଭାବେ ପ୍ରତିଷ୍ଠିତ କରୁଛି । ଭାରତୀୟ ପାସ୍‌ପୋର୍ଟକୁ ସମ୍ମାନ ଓ ବିଶ୍ୱାସର ସହ ଦେଖାଯାଉଛି । ଏହି ଦସ୍ତାବିଜ୍ ପାଇବା ପ୍ରକ୍ରିୟା ଯେପରି ଏକ ସଂଘର୍ଷ ନ ହୋଇ ସାଧାରଣ ନାଗରିକଙ୍କର ଏକ ଅଧିକାର ହୋଇ ରହିବ, ତାହା ସୁନିଶ୍ଚିତ କରିବା ସରକାରଙ୍କର ଦାୟିତ୍ୱ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ।

## ମାକାଉ - ଓପନ୍ ବ୍ୟାଡ୍‌ମିଣ୍ଟନ୍

ବ୍ୟାଡ୍‌ମିଣ୍ଟନରେ ଭାରତର ଅଶ୍ମିତା ଚାଲିହା ଆଜି ଚୀନଠାରେ ଅନୁଷ୍ଠିତ ମାକାଉ ଓପନ୍ ମହିଳା ସିଙ୍ଗଲ୍‌ସର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । କ୍ୱାର୍ଟର ଫାଇନାଲ୍‌ରେ ଦକ୍ଷିଣ କୋରିଆର କିମ୍ ମିନ୍ ସନ୍'ଙ୍କୁ ୨୧-୧୬, ୨୧-୧୮ ସେଟ୍‌ରେ ପରାସ୍ତ କରି ଅଶ୍ମିତା ଶେଷ ୪ ଜଣଙ୍କ ମଧ୍ୟରେ ସ୍ଥାନ ସୁରକ୍ଷିତ କରିଛନ୍ତି । ସେ ଆସନ୍ତାକାଲି ସେମିଫାଇନାଲ୍‌ରେ ଦକ୍ଷିଣ କୋରିଆର କାର୍ପ ଗା-ଇଉନ୍'ଙ୍କୁ ଭେଟିବେ ।

*****